# NATIONAL NEWS BULLETIN (ODIA)

**24 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ, ୫୮ଟି ଲୋକସଭା ଆସନ ପାଇଁ ଆସନ୍ତାକାଲି ହେବ ମତଦାନ ।

- ଓଡ଼ିଶାର ୬ଟି ଲୋକସଭା ଓ ୪୨ଟି ବିଧାନସଭା ଆସନ ପାଇଁ ମତାଧିକାର ସାବ୍ୟସ୍ତ କରିବେ ୯୪ଲକ୍ଷରୁ ଅଧିକ ଭୋଟର ।

- ମହାରାଷ୍ଟ୍ର ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ ଜନିତ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ।

- କାମ୍ବୋଡ଼ିଆରେ ଫସିଥିବା ୬୦ଜଣ ଭାରତୀୟ ନାଗରିକ ଉଦ୍ଧାର ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁହାଁମୁହିଁ ହେବେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍‌ସ୍ ।

## ୬ ଫେଜ୍ ଇଲେକ୍ସନ

ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗ୍ରହଣ ହେବ । ଏଥିରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ଲାଗି ମତଦାନ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ

ପର୍ଯ୍ୟାୟରେ ପହଞ୍ଚିଛି ।  ଏହି ପର୍ଯ୍ୟାୟରେ ଆସନ୍ତାକାଲି ଉତ୍ତରପ୍ରଦେଶର ୧୪ଟି, ହରିୟାଣାର ସମସ୍ତ ୧୦ଟି, ବିହାର ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ଦିଲ୍ଲୀର ସମସ୍ତ ୭ଟି, ଓଡ଼ିଶାର ୬ଟି, ଝାଡ଼ଖଣ୍ଡର ୪ଟି ଏବଂ ଜାମ୍ମୁ କାଶ୍ମୀରର ଗୋଟିଏ ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ମୋଟ୍ ୮ଶହ ଅଣାନବେ ଜଣ ପ୍ରାର୍ଥୀ ଏହି ପର୍ଯ୍ୟାୟ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମତଗ୍ରହଣ କରାଯିବ ।

ଏହି ପର୍ଯ୍ୟାୟରେ ଦିଲ୍ଲୀର ୭ଟି ସଂସଦୀୟ ଆସନ ପାଇଁ ୧୬୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ବିଜେପିର ମନୋଜ ତିୱାରୀ ଏବଂ ବାଂଶୁରୀ ସ୍ୱରାଜ, ଆମ୍‌ଆଦମୀ ପାର୍ଟିର ସୋମନାଥ ଭାରତୀ ଓ କୁଲଦୀପ କୁପାର ଏବଂ କଂଗ୍ରେସର କହ୍ନେୟା କୁମାର ଓ ଜେ.ପି. ଅଗ୍ରୱାଲ ଅଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । ଏହି ପର୍ଯ୍ୟାୟରେ ମୋଟ୍ ୧ କୋଟି ୫୨ ଲକ୍ଷ ମତଦାତା ସେମାନାଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରେ ୮୨ ଲକ୍ଷ ପୁରୁଷ ଏବଂ ୭୦ଲକ୍ଷରୁ ଅଧିକ ମହିଳା ଭୋଟର ଅଛନ୍ତି ।  ଭୋଟ୍ ଗ୍ରହଣ ପାଇଁ ୧୩ ହଜାର ୬୩୭ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳେ ସେଥିମଧ୍ୟରୁ କେବଳ ମହିଳାମାନଙ୍କ ଦ୍ୱାରା ୭୦ଟି ଭୋଟ୍ ଗ୍ରହଣ କେନ୍ଦ୍ର ପରିଚାଳିତ ହେବ । ପ୍ରଥମଥର ପାଇଁ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରରେ ଗୋଟିଏ ଲେଖାଏଁ ମତଦାନ କେନ୍ଦ୍ର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଦିଲ୍ଲୀରେ ମତଦାନ ପ୍ରତିଶତ ଯେପରି ଅଧିକା

ହେବ, ସେ ଦୃଷ୍ଟିରୁ ମୁଖ୍ୟ ନିର୍ବାଚନ ଅଧିକାରୀ ବାଇକ୍-ଟାକ୍ସିରେ ବୟସ୍କ ଭୋଟରମାନଙ୍କୁ ଦେୟମୁକ୍ତ ନେବାଆଣିବା ଲାଗି ବ୍ୟବସ୍ଥା କରିଛନ୍ତି ।

ଜାମ୍ମୁ କାଶ୍ମୀରରେ ପ୍ରାୟ ୨୫ ହଜାର ପ୍ରବାସୀ ଆସନ୍ତାକାଲି ଅନନ୍ତନାଗ-ରଜୌରୀ ସଂସଦୀୟ କ୍ଷେତ୍ରରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ଆମ ଜମ୍ମୁ ସମ୍ବାଦଦାତା ଜଣାଇଛନ୍ତି ପ୍ରଶାସନ ପକ୍ଷରୁ ଜମ୍ମୁ, ଉଧମପୁର ଏବଂ ଏନ୍‌ସିଆର ଦିଲ୍ଲୀରେ ଏ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି । ସ୍ୱତନ୍ତ୍ରଭାବେ ୩୪ଟି ଭୋଟଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳେ ଜମ୍ମୁରେ ୨୯ଟି, ଉଧମପୁରରେ ଗୋଟିଏ ଏବଂ ଏନ୍.ସି.ଆର୍. ଦିଲ୍ଲୀରେ ୪ଟି ଭୋଟ୍ ଗ୍ରହଣ କେନ୍ଦ୍ର ରହିଛି ।

ଅନ୍ୟପକ୍ଷରେ ଜମ୍ମୁରେ ୮ଟି ଅତିରିକ୍ତ ଭୋଟ୍ ଗ୍ରହଣ କେନ୍ଦ୍ର କରାଯାଇଛି । ପ୍ରଥମଥର ଭୋଟ୍ ଦେଉଥିବା ଯୁବ ମତଦାତାମାନଙ୍କୁ ସ୍ୱାଗତ କରାଯିବା ସହ ଉପହାର ଦେବା ଲାଗି ମଧ୍ୟ ବ୍ୟବସ୍ଥା କରାଯାଇଛି ।

## ଓଡ଼ିଶା ଥାର୍ଡ ଫେଜ୍

ଦେଶରେ ଷଷ୍ଠ ପର୍ଯ୍ୟାୟ ଓ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ଆସନ୍ତାକାଲି ୬ଟି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ଭୋଟ୍ ଗ୍ରହଣ ହେବ । ସେହି ଆସନ ଗୁଡ଼ିକ ହେଉଛି ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର ଓ କଟକ । ୧୦ଟି ଜିଲ୍ଲାରେ ୧୦ ହଜାର ୫୧୫ଟି ମତଦାନ କେନ୍ଦ୍ରରେ ୯୪ଲକ୍ଷ ୪୮ ହଜାର ୫୫୩ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ଏହି ଭୋଟରଙ୍କ ମଧ୍ୟରେ ୪୮ଲକ୍ଷରୁ ଅଧିକ ପୁରୁଷ ଭୋଟର, ୪୬ ଲକ୍ଷରୁ ଅଧିକ ମହିଳା ଭୋଟର, ଏବଂ ୧୮ରୁ ୧୯ ବର୍ଷ

ବୟସର ୨ ଲକ୍ଷ ୩୭ ହଜାର ୧୩୧ ଜଣ ପ୍ରଥମଥର ମତଦାତା ଅଛନ୍ତି । ୧ହଜାର ୫୦୦ଟି ମତଦାନ କେନ୍ଦ୍ର ସଂପୂର୍ଣ୍ଣରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ଏବଂ ୩୦ଟି ମତଦାନ କେନ୍ଦ୍ର ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ନିର୍ବାଚନ କାର୍ଯ୍ୟ ସୁରୁଖୁରୁରେ ସଂପନ୍ନ କରିବା ଲାଗି ଏହି ପର୍ଯ୍ୟାୟରେ ୭୦ ହଜାର ପୋଲିଂ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି ।

ରାଜ୍ୟରେ ୬ଟି ଲୋକସଭା ଆସନ ପାଇଁ ୬୪ ଜଣ ପ୍ରାର୍ଥୀ ଏବଂ ୪୨ଟି ବିଧାନସଭା କ୍ଷେତ୍ର ଲାଗି ୩୮୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ, ଭର୍ତ୍ତୃହରି ମହତାବ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତପାତ୍ର ଏବଂ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବହୁ ବରିଷ୍ଠ ନେତା ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଏହି ପର୍ଯ୍ୟାୟ ନିର୍ବାଚନରେ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ନିଆଯାଇଛି । ଏଥିଲାଗି ୧୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ଫୋର୍ସ ନିୟୋଜିତ ହେବେ । ଏହାଛଡ଼ା ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଜଣେ ଆଶାକର୍ମୀ, ଜଣେ ସ୍ୱେଚ୍ଛାସେବୀଙ୍କ ନିୟୋଜନ ସହ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଛି ।

# ନିର୍ବାଚନ - ସପ୍ତମ ପର୍ଯ୍ୟାୟ

ଦେଶର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଆସନ ଲାଗି ଆସନ୍ତା ଜୁନ୍ ପହିଲା ଦିନ ମତଗ୍ରହଣ ହେବ । ଏଥିଲାଗି ମୋଟ୍ ୨ ହଜାର ୧୦୫ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା । ସେଗୁଡ଼ିକ ଯାଞ୍ଚ୍ ପରେ ୯୫୪ଟି ନାମାଙ୍କନ ବୈଧ ବିବେଚିତ ହୋଇଥିଲା । ତେବେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ପରେ ଏହି ପର୍ଯ୍ୟାୟରେ ମୋଟ୍ ୯୦୪ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାଯାଇଛି ।

ସପ୍ତମ ପର୍ଯ୍ୟାୟରେ ପଞ୍ଜାବର ୧୩ଟି ଲୋକସଭା ଆସନ ଲାଗି ସର୍ବାଧିକ ୫୯୮ଟି ଏବଂ ଉତ୍ତର ପ୍ରଦେଶର ସମାନ ସଂଖ୍ୟକ ଆସନ ଲାଗି ୪୯୫ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା । ମିଳିଥିବା ସୂଚନା ଅନୁଯାୟୀ, ଏହି ପର୍ଯ୍ୟାୟ ଲାଗି ଗୋଟିଏ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ହାରାହାରି ସଂଖ୍ୟା ୧୬ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ବେନାମି ମୋବାଇଲ୍ ନମ୍ବର

ଦେଶରେ ୬ଲକ୍ଷ ୮୦ ହଜାରରୁ ଅଧିକ ନକଲି ଓ ବେନାମୀ ମୋବାଇଲ୍ ନମ୍ବର ବ୍ୟବହାର ହେଉଥିବା ଜଣାପଡ଼ିଛି । ଦୂରସଂଚାର ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ନକଲି ପରିଚୟପତ୍ର ବ୍ୟବହାର କରି ଏହି ନମ୍ବର ଗୁଡ଼ିକ ବ୍ୟବହାର କରାଯାଉଥିବାରୁ ଆସନ୍ତା ୨ ମାସ

ମଧ୍ୟରେ ସେଗୁଡ଼ିକର ପୁଣି ପ୍ରମାଣିକୃତ କରିବା ପାଇଁ କୁହାଯାଇଛି । ଏ ନେଇ ଦୂରସଂଚାର ବିଭାଗ ମୋବାଇଲ୍ ସେବା ପ୍ରଦାନକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । ଯଦି ୬୦ ଦିନ ମଧ୍ୟରେ ସଂପୃକ୍ତ ମୋବାଇଲ୍ ନମ୍ବରଗୁଡ଼ିକ ଯାଞ୍ଚ ଓ ପ୍ରମାଣୀକରଣ ନ ହେବ, ସେ କ୍ଷେତ୍ରରେ ସେଗୁଡ଼ିକୁ ବନ୍ଦ୍ କରିଦିଆଯିବ ।

କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ଦୂରସଂଚାର ବିଭାଗ ଏହି ଜାଲିଆତି ନମ୍ବରଗୁଡ଼ିକ ଚିହ୍ନଟ କରିଥିବା ଜଣାପଡ଼ିଛି ।

## ଜାଲ୍ ନିଯୁକ୍ତି

ଚାକିରି ଆଶାରେ କାମ୍ବୋଡ଼ିଆରେ ଫସିଥିବା ୬୦ଜଣ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରାଯାଇଛି । କାମ୍ବୋଡ଼ିଆରେ ଥିବା ଭାରତୀୟ ଦୂତାବାସ ପ୍ରଥମ ପର୍ଯ୍ୟାୟରେ ଏହି ୬୦ଜଣଙ୍କୁ ଉଦ୍ଧାର କରି ସ୍ୱଦେଶ ପଠାଇଛି । ଜାଲ୍‌ନିଯୁକ୍ତିଦାତାଙ୍କ ପ୍ରଲୋଭନରେ ପଡ଼ି ଏମାନେ କାମ୍ବୋଡ଼ିଆ ଯିବା ପରେ ସେଠାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଏ ନେଇ ଭାରତୀୟ ଦୂତାବାସ କାମ୍ବୋଡ଼ିଆ ପ୍ରଶାସନକୁ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଧନ୍ୟବାଦ ଜଣାଇଛି ।

## ମହାରାଷ୍ଟ୍ର ଫାୟାର

ମହାରାଷ୍ଟ୍ରର ଥାନେ ଜିଲ୍ଲା ଅନ୍ତର୍ଗତ ଦୋମ୍ବିଭିଲି ସ୍ଥିତ ଏକ ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ ଯୋଗୁଁ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ପାଇଛି । ଏହି ଅଗ୍ନିକାଣ୍ଡରେ ୫୬ଜଣ ଗୁରୁତର ହୋଇଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା

ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଏହାଛଡ଼ା ଆହତଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ସେ କହିଛନ୍ତି ।

ସୂଚନା ଅନୁଯାୟୀ ଥାନେ ଜିଲ୍ଲାର ଦୋମ୍ବିଭିଲି ଏମ୍.ଆଇ.ଡି.ସି. ପରିସରରେ ଥିବା ଓମେଗା ରାସାୟନିକ କାରଖାନାର ଏକ ବଏଲର୍‌ରେ ବିସ୍ଫୋରଣ ହେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ଥାନେର ଜିଲ୍ଲାପାଳଙ୍କୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଏହି ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଦେଢ଼କିଲୋମିଟର ପର୍ଯ୍ୟନ୍ତ ଏହାର ଶବ୍ଦ ଶୁଣିବାକୁ ମିଳିଥିଲା ।

## ଏଫ୍.ଆଇ.ଏଚ୍. ହକି

ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଗତକାଲି ଭାରତ ପୁରୁଷ ହକି ଦଳ ଅଲିମ୍ପିକ୍ ଚାମ୍ପିୟନ ବେଲ୍‌ଜିୟମ୍‌ଠାରୁ ୧-୪ ଗୋଲ୍‌ରେ ହାରିଯାଇଛି । ତେବେ ବୁଧବାର ଦିନ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଅନ୍ୟ ଏକ ମ୍ୟାଚ୍‌ରେ ହର୍‌ମନ ପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ଆର୍ଜେନଣ୍ଟିନାକୁ ପରାସ୍ତ କରିଥିଲା । ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ଖେଳିଥବା ୧୦ଟି ମ୍ୟାଚ୍‌ରୁ ୧୭ ପଏଣ୍ଟ୍ ପାଇ ପଏଣ୍ଟ୍ ତାଲିକାର ତୃତୀୟ ସ୍ଥାନରେ ରହିଥିବାବେଳେ ବେଲ୍‌ଜିୟମ୍ ଖେଳିଥିବା ୬ଟି ମ୍ୟାଚ୍‌ରୁ ୬ ପଏଣ୍ଟ୍ ସହିତ ସପ୍ତମ ସ୍ଥାନରେ ରହିଛି । ଆସନ୍ତାକାଲି ଉଭୟ ଦଳ ପୁଣି ପରସ୍ପରକୁ ଭେଟିବେ ।

ଅନ୍ୟପକ୍ଷରେ ଏହି ଲିଗ୍‌ର ମହିଳା ବର୍ଗରେ ଭାରତୀୟ ଦଳ ବେଲ୍‌ଜିୟମ୍‌ଠାରୁ ୨-୦ ଗୋଲ୍‌ରେ ହାରିଯାଇଛି । ପୂର୍ବରୁ ଭାରତୀୟ ମହିଳା ଦଳ ଆର୍ଜେଣ୍ଟିନା ବିପକ୍ଷରେ ମଧ୍ୟ ୫-୦ରେ ପରାସ୍ତ ହୋଇଛି । ଆସନ୍ତାକାଲି ଭାରତୀୟ ଦଳ ପୁଣି ବେଲ୍‌ଜିୟମ୍ ସହିତ ମୁକାବିଲା କରିବ ।

## ବକ୍ସିଂ - ଥାଇଲାଣ୍ଡ ଟୁର୍ଣ୍ଣାମେଣ୍ଟ

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ବିଶ୍ୱ ବକ୍ସିଂ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଏବଂ ଚୂଡ଼ାନ୍ତ ପର୍ଯ୍ୟାୟରେ ଭାରତର ୧୦ ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି । ଏହି ପ୍ରତିଯୋଗିତାରୁ ଯୋଗ୍ୟ ବିବେଚିତ ଖେଳାଳୀମାନେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ । ପୁରୁଷ ୫୭ କିଲୋଗ୍ରାମ୍ ବର୍ଗରେ ଭାରତର ସଚିନ୍ ସିୱାଚ୍ ଆଜି ନ୍ୟୁଜିଲାଣ୍ଡ୍‌ର ଆଲେକ୍ସ ମୁକୁକାଙ୍କୁ ଭେଟିବେ । ସେହିଭଳି ୫୧ କିଲୋଗ୍ରାମ୍ ବର୍ଗରେ ୨୦୧୯ ବିଶ୍ୱ ପ୍ରତିଯୋଗିତାର ରୌପ ପଦକ ବିଜେତା ଅମିତ୍ ପନ୍‌ଘଲ୍ କିର୍‌ଗିଜ୍‌ସ୍ତାନର ଆନ୍‌ଭାର୍ଜାନ୍ ଖୋଡ୍‌ଝିଭ୍‌ଙ୍କୁ କିମ୍ବା ଚୀନ୍‌ର ଲିଉ ଚୁଆଙ୍ଗ୍‌ଙ୍କ ସହିତ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ମୁକାବିଲା ହେବ । ଏହି ପ୍ରତିଯୋଗିତାରେ ଭାରତର ୭ ଜଣ ପୁରୁଷ ଓ ୩ ଜଣ ମହିଳାଙ୍କ ସମେତ ଏଥିରେ ଅଂଶଗ୍ରହଣ କରିଥିବା ୧୩୩ଟି ଦେଶର ମୋଟ୍ ୫ ଶହ ଅଣାଅଶୀ ଜଣ ମୁଷ୍ଟିଯୋଦ୍ଧା ଭାଗ ନେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ଖେଳାଯିବ ।

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ । ୧୯ଟି ମ୍ୟାଚ୍‌ରୁ ଏପର୍ଯ୍ୟନ୍ତ ସନରାଇଜର୍ସ ହାଇଦ୍ରାବାଦ ୧୦ଟି ମ୍ୟାଚ୍ ଜିତିଥିବା ବେଳେ ରାଜସ୍ଥାନ ରୟାଲ୍‌ସ ୯ଟି ମ୍ୟାଚ୍‌ରେ ବିଜୟଲାଭ କରିଛି । ଗତ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ କ୍ୱାଲିଫାୟରରେ ସନରାଇଜର୍ସ ହାଇଦ୍ରାବାଦ' କୋଲ୍‌କାତା ନାଇଟ୍ ରାଇଡର୍ସ ଠାରୁ ପରାସ୍ତ ହୋଇଥିଲା ।

ଆଇପିଏଲ୍ ଫାଇନାଲ୍ ମ୍ୟାଚ୍ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବ ।

# ଆଇଏମ୍‌ଡି

ରାଜସ୍ଥାନ, ପଞ୍ଜାବ, ହରିଆଣା, ଚଣ୍ଡୀଗଡ଼ ଏବଂ ଦିଲ୍ଲୀର କେତେକ ଅଞ୍ଚଳରେ ସୋମବାର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହା ବ୍ୟତୀତ ରବିବାର ଏବଂ ସୋମବାର ଉତ୍ତରପ୍ରଦେଶର ପଶ୍ଚିମ ଭାଗରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ । ଆଜି ଏବଂ ଆସନ୍ତାକାଲି କୋଙ୍କଣ,ଗୋଆ ଏବଂ ଆସାମରେ ଗରମ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି ।

ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୨ ଦିନ ମଧ୍ୟରେ ଆଣ୍ଡାମାନ ନିକୋବର ଦ୍ୱୀପ ସମେତ ବଙ୍ଗୋପସାଗର ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବେଶ କରିବା ନେଇ ପୂର୍ବାନୁମାନ କରାଯାଇଛି ।